## ଶିକ୍ଷା ବିଭାଗରେ +୩ ଶେଷବର୍ଷ ଶିକ୍ଷାର୍ଥୀଙ୍କ ବିଦାୟ ସମ୍ବର୍ଦ୍ଧନା

**ବାଲୁଗାଁ(ଅମୃତ ମିଡିଆ):** ବୁଧବାର ପୂର୍ବାହ୍ନରେ ବାଲୁଗାଁ ମହାବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗର +୩ ଶେଷ ବର୍ଷ ଶିକ୍ଷାର୍ଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡଃ ଲକ୍ଷ୍ମୀଧର ସୁବୁଦ୍ଧି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ+୨ ଅଧକ୍ଷ ସୁବାସ ଶ୍ରୀଚନ୍ଦନ ଯୋଗଦେଇ ଶିକ୍ଷାର୍ଥୀ ମାନଙ୍କ ନିମନ୍ତେ ଜୀବନର ଲକ୍ଷ୍ୟ ପ୍ରାପ୍ତି ଦିଗରେ କାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଦର୍ଶନ ବିଭାଗ ମୁଖ୍ୟ କୈଳାସ ଚନ୍ଦ୍ର ମହାରଣା, ଏବଂ ମହାବିଦ୍ୟାଳୟର ମୁଖ୍ୟ କିରାଣୀ ସୁଧାକର ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷା ମାଧ୍ୟମରେ ବ୍ୟକ୍ତିତ୍ୱ ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରତ୍ୟେକ ଶିକ୍ଷାର୍ଥୀ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ ।ବିଦାୟ ଶିକ୍ଷାର୍ଥୀମାନେ ନିଜର ଅଭିଭାଷଣ ସହ ପ୍ରଥମ ଓ ଦ୍ୱିତୀୟ ବ୍ୟାଚର ଶିକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସ୍ୱାତୀ ସ୍ୱାଗତିକ ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା କ୍ରୀତିମୟୀ ବାରିକ ଏବଂ ପ୍ରିୟମ୍ବଦା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଆଦିତ୍ୟ ନାରାୟଣ ବେହେରାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ଶିକ୍ଷକ ତାରକେଶ୍ୱର ପାଣିଗ୍ରାହୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**କଣାସ(ଅମୃତ ମିଡିଆ):** କଣାସ ବ୍ଲକ ଅନ୍ତର୍ଗତ ଗ୍ରାମେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରାଧୀନ ବାଲିପଡା ପ୍ରାଥମିକ ବିଦ୍ୟାଳୟର ଆର୍ଦଶ ଶିକ୍ଷକ ତାରକେଶ୍ୱର ପାଣିଗ୍ରାହୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରତାପ କେଶରୀ ରାୟ ସଭାପତିତ୍ୱ କରିଥିବା ବେଳେ ବିଇଓ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଓ ମୀନକେତନ ସାମନ୍ତରାୟ,ଶିକ୍ଷକ ନେତା ସୁଶାନ୍ତ କୁମାର ନରେନ୍ଦ୍ର,ପ୍ରତାପ କେଶରୀ ଛୋଟ ରାୟ,ସିଆରସିସି ତପନ କୁମାର ରାଉତରାୟ ଓ ମୁଖ୍ୟବକ୍ତା ଭାବେ ଶରତଚନ୍ଦ୍ର ବଳିଆରସିଂହ ଯୋଗ ଦେଇ ପୂଜ୍ୟପୂଜା ସଂର୍ପକରେ ଆଲୋଚନା କରିଥିଲେ । ଏହି

ଉତ୍ସବରେ ବିଇଓ ରାମଚନ୍ଦ୍ର ବେହେରା ଓ ସିଆରସିସି ତପନ କୁମାର ବଳିଆରସିଂହଙ୍କୁ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିବା ପୂର୍ବତନ ସିଆରସିସି ବନମାଳି ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ବଳିଆରସିଂହ ଓ ରାମଚନ୍ଦ୍ର ସାହୁଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଦାୟୀ ଶିକ୍ଷକ ତାରକେଶ୍ୱର ପାଣିଗ୍ରାହୀଙ୍କ ସଂର୍ପକରେ ଛାତ୍ରଛାତ୍ରୀ ,ଅଭିଭାବକ,ଗ୍ରାମବାସୀ,ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷାବିତମାନେ ଆଲୋଚନା କରିଥିଲେ । ଶିକ୍ଷକ ପାଣିଗ୍ରାହୀଙ୍କ ଆର୍ଦଶ ରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ଭାଟପଡା , ସସାହପଡା,ଶିରିଆପଡା,ବନ୍ଧମୁଣ୍ଡା,ଓହ୍ଲାଣ ପ୍ରାଥମିକ ବିଦ୍ୟାଳୟ,କିଷାନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ମୈତ୍ର ତ୍ରିଲୋଚନପୁର,ମହାବୀର କପିଳେଶ୍ୱର ଓ ବେଢା ତଣ୍ଡୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ସାହୁପଡା ଓ ଗ୍ରାମେଶ୍ୱର ବିଶ୍ୱନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରା ଯାଇଥିଲା ।ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ପ୍ରତାପ କୁମାର ଦାଶ ଓ ପ୍ରଶାନ୍ତ କୁମାର ମଙ୍ଗରାଜ । ସଭା ଶେଷରେ ସୁକାନ୍ତ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

## ରୋଟାରୀ କ୍ଲବ ଅଫ୍ ବଲାଙ୍ଗୀର ସେଣ୍ଟ୍ରାଲ ପକ୍ଷରୁ ରକ୍ତଦାନ ଶିବିର

**ବଲାଙ୍ଗୀର(ଅମୃତ ମିଡିଆ):** ନୂତନ ରୋଟାରୀ ବର୍ଷ ଆରମ୍ଭ ପାଇଁ ଜୁଲାଇ ୧ ତାରିଖ ଦିନ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲ ଠାରେ ପ୍ରୋଜେକ୍ଟ ଚେୟାରମେନ ରାଜକୁମାର ମୋଦି ଙ୍କ ଦ୍ୱାରା ଅନୁଷ୍ଠିତ ରକ୍ତଦାନ ଶିବିରରେ ୫୩ଜଣ ରକ୍ତ ଦାନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କ୍ଲବ ର ପ୍ରତିଷ୍ଠାତା ବିଷ୍ଣୁ ପ୍ରସାଦ କେଡିଆ ଏବଂ ଗାୟତ୍ରୀ ମନ୍ଦିର ର ସଂପାଦକ ଡ. ସୁରେଶ ଷଡଙ୍ଗୀ ଯୋଗ ଦେଇଥିଲେ । କ୍ଲବ ର ନୂତନ ସଭାପତି ଶୈଳେଶ ଅଗ୍ରୱାଲ ତଥା ନିବର୍ତ୍ତମାନ ସଭାପତି ରାଜ ନାରାୟଣ ଅଗ୍ରୱାଲ ଏବଂ କୋଷାଧକ୍ଷ ରାଜେଶ କୁମାର ଅଗ୍ରୱାଲ ତଥା ସଂଜୟ ଅଗ୍ରୱାଲ (ସଂଜୁ) ବିଶେଷ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରୋଟାରିୟନ ରାଜୀବ ହୋତା, ଭଜନ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, କହ୍ନେୟା ଅଗ୍ରୱାଲ, କମଳ ଅଗ୍ରୱାଲ, ରାଜେଶ ମଲନ, ହରିବନ୍ଧୁ ନାୟକ, ରାଜେଶ ଜୈନ, ମନୋଜ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

## ଆଶୀର୍ବାଦ ଦେଉଛି ପ୍ରସାଦ ପ୍ରସ୍ତୁତି ଜୋନ୍

**ପୁରୀ (ବ୍ୟୁରୋ):** ବହୁ ବର୍ଷ ଧରି ଭାରତର ୧ ନମ୍ବର ପ୍ୟାକେଜଡ୍ ଅଟ୍ଟା ବ୍ରାଣ୍ଡ୍ ଆଶୀର୍ବାଦ ରଥ ଯାତ୍ରା ଉତ୍ସବର ଏକ ଆକାଂକ୍ଷିତ ଅଂଶ ହୋଇ ରହିଆସିଛି । ଚଳିତ ବର୍ଷ ମଧ ଆଶୀର୍ବାଦ ସର୍ବାଧୁନିକ ଯୁଗର ପ୍ରଯୁକ୍ତିବିଦ୍ୟା ସହିତ ବହୁ ପୁରାତନ ପରମ୍ପରାକୁ ସଂଯୋଗ କରୁଥିବା ଆଧ୍ୟାତ୍ମିକ ଦୃଷ୍ଟିରୁ ଅନ୍ତର୍ବିଶିଷ୍ଟକାରୀ ଏହି ଧରଣର ପ୍ରଥମ ସକ୍ରିୟ କାର୍ଯ୍ୟକ୍ରମ 'ଭକ୍ତି ପଥେ' (ଭକ୍ତିର ପଥ) ଉନ୍ମୋଚନ କରି ଏହି ପର୍ବ ସହିତ ଗଭୀର ଭାବରେ ଅନ୍ତର୍ନିବିଷ୍ଟ ସହଯୋଗୀତା ଜାରି ରଖିଛି । ପୁରୀରେ ଜୁନ ୨୭ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ରୁହନ୍ତୁ, ଏହି ଅନୁଭୂତି ଭକ୍ତଗଣଙ୍କୁ ଏକ ସମକାଳୀନ ଢାଂଚାରେ ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି । ପାରମ୍ପରିକ ବିଧି ବିଧାନଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଭକ୍ତମାନଙ୍କ ନିମନ୍ତେ ସମାବେଶୀ ଏବଂ ସୁଲଭ୍ୟ ହେବା ଭଳି 'ଭକ୍ତି ପଥେ' ଏଆଇ, ଗେମିଫିକେସନ ଏବଂ ଅନ୍ତର୍ନିବେଶୀ ଦୃଶ୍ୟାବଳୀ ଦ୍ୱାରା ପରିଚାଳିତ ଏକ ବହୁଧା-ଇନ୍ଦ୍ରିୟ ଅନୁଭୂତି ପାଇଁ ଭକ୍ତଙ୍କୁ ଆମନ୍ତ୍ରଣ କରୁଛି, ଯାହା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଏକ ଗଭୀର ଭକ୍ତିଭାବ ଭରା, ପ୍ରଯୁକ୍ତି-ସମର୍ଥିତ ଈଶ୍ୱରୀୟ ସଂଯୋଗର ହୋଲୋଗ୍ରାଫିକ ଦର୍ଶନ ସହିତ ପରିସମାପ୍ତ ହେଉଛି । ଶ୍ରୀ ଅନୁଜ ରୁସ୍ତଗୀ, ସିଓଓ, ଷ୍ଟାପଲ୍ସ ଆଣ୍ଡ ଆଷ୍ଟ୍ରୁସେନସିଜ୍, ଫୁଡ୍ସ ଡିଭିଜନ, ଆଇଟିସି ଲିମିଟେଡ କହିଥିଲେ, "ଆଶୀର୍ବାଦ ପବିତ୍ର ରଥଯାତ୍ରାର ସର୍ବଦା ଅଂଶବିଶେଷ ହୋଇ ରହିଆସିଛି । 'ଭକ୍ତି ପଥେ' ସହିତ ତୀର୍ଥଯାତ୍ରୀଙ୍କ ନିମନ୍ତେ ଦର୍ଶନ ଅଧିକ ସୁଲଭ୍ୟ କରିବାକୁ ପ୍ରଯୁକ୍ତି ଉପଯୋଗରେ ଆମେ ଏହି ପାର୍ବଣକୁ ଅଧିକ ସମାବେଶୀ କରିବା ଲକ୍ଷ୍ୟ ରଖିଛୁ । ଆଶୀର୍ବାଦ ଶୁଦ୍ଧ ଚକ୍କି ଅଟ୍ଟାର ଅସଲିପଣ ସହିତ ଡିଜିଟାଲ ପ୍ରସାଦ-ପ୍ରସ୍ତୁତିକୁ ସମର୍ଥ କରାଇବାଠାରୁ ନେଇ ଏକ ସ୍ୱର୍ଗୀୟ ଦର୍ଶନ ସୁବିଧା ଯୋଗାଇବା ପର୍ଯ୍ୟନ୍ତ, ଆଶୀର୍ବାଦ ଭକ୍ତଗଣଙ୍କ ନିମନ୍ତେ ଏହି ପରମ୍ପରାକୁ ଅଧିକ ହୃଦୟସ୍ପର୍ଶୀ, ସୁଲଭ୍ୟ ଏବଂ ଅନ୍ତର୍ନିବେଶୀ ଉପାୟରେ ଉପସ୍ଥାପନ କରିବା ନେଇ ଗର୍ବିତ ମନେକରୁଛି ।" ଏହି ସକ୍ରିୟ କାର୍ଯ୍ୟାନ୍ୱୟନର ଅନ୍ୟତମ ମୁଖ୍ୟ ଉପାଦାନ ହେଉଛି 'ପ୍ରସାଦ ପ୍ରସ୍ତୁତି ଜୋନ୍', ଯେଉଁଠାରେ ଭକ୍ତଗଣ ଆଶୀର୍ବାଦ ଶୁଦ୍ଧ ଚକ୍କି ଅଟ୍ଟାରୁ ପାରମ୍ପରିକ ପ୍ରସାଦ ପ୍ରସ୍ତୁତ କରିପାରିବେ ଏବଂ ତାହାକୁ ଏକ ନିୟୋଜନକାରୀ ଡିଜିଟାଲ ପଦ୍ଧତି ଜରିଆରେ ଭଗବାନଙ୍କୁ ଅର୍ପଣ କରିପାରିବେ । ପ୍ରସାଦ ପ୍ରସ୍ତୁତି ଶେଷହେବା ଏବଂ ଭକ୍ତମାନଙ୍କ ପକ୍ଷରୁ ଭଗବାନଙ୍କୁ ଅର୍ପଣ କରାଯିବା ପରେ ଈଶ୍ୱରୀୟ ଦର୍ଶନ ସହିତ ଯାତ୍ରାରେ ପରିସମାପ୍ତି ଘଟୁଛି, ଯେଉଁଠାରେ ଏକ ବିଶାଳ ଏଲଇଡି ପରଦାରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରା ସେମାନଙ୍କ ରଥରେ ଉପବିଶନ କରିଥିବାର ହୋଲୋଗ୍ରାଫିକ ଦର୍ଶନ କରିବା ସୁଯୋଗ ମିଳୁଛି । ଏହି ଅନୁଭୂତି ସୁନିଶ୍ଚିତ କରୁଛି ଯେ ପ୍ରତ୍ୟେକ ଭକ୍ତ ଏହି ବିଧି ବିଧାନ ସହିତ ଏକ ଅର୍ଥପୂର୍ଣ୍ଣ ଏବଂ ସ୍ୱାଚ୍ଛନ୍ଦ୍ୟମୂଳକ ଉପାୟରେ ସଂଯୁକ୍ତ ହେଉଛନ୍ତି । ଏହି ଅନୁଭୂତିକୁ ସ୍ମରଣୀୟ କରି ଗଢିତୋଳିବା ନିମନ୍ତେ ପ୍ରତ୍ୟେକ ପରିଦର୍ଶକଙ୍କୁ ଏକ 'ରଥ ଯାତ୍ରା' ଫଟୋ ଫିଲ୍ଟର ବ୍ୟକ୍ତିଗତ ଉପହାର ଆକାରରେ ପ୍ରଦାନ କରାଯିବ- ଯାହାକୁ ବ୍ୟବହାର କରି ସେମାନେ ବନ୍ଧୁବାନ୍ଧବ ଓ ପରିବାର ସଦସ୍ୟଙ୍କ ସହିତ ସେମାନଙ୍କର ପାର୍ବଣ ଅଭିନନ୍ଦନକୁ ସହଭାଗୀତା କରିପାରିବେ ଏବଂ ଆଶୀର୍ବାଦ ସହିତ ଏହି ପାର୍ବଣ ପାଳନ କରିବେ । ଭକ୍ତଗଣ ପୁରୀ ବଡଦାଣ୍ଡରେ ବଡ ଶଙ୍ଖ ନିକଟରେ ଥିବା ଆଶୀର୍ବାଦ 'ଭକ୍ତି ପଥେ' ପରିଦର୍ଶନ କରିପାରିବେ ଏବଂ ଈଶ୍ୱରୀୟ ଦର୍ଶନରେ ପରିସମାପ୍ତ ହେଉଥିବା ଆଧ୍ୟାତ୍ମିକ ଦୃଷ୍ଟିରୁ ସମୃଦ୍ଧ ଯାତ୍ରାରେ ସାମିଲ ହୋଇପାରିବେ ।

## ଡେଲାଙ୍ଗ ବ୍ଲକରେ ପିଏଆଇ କାର୍ଯ୍ୟକ୍ରମ

**ସତ୍ୟବାଦୀ/ସୁଆଣ୍ଡୋ/ ଡେଲାଙ୍ଗ(ଅମୃତ ମିଡିଆ):** ରାଜ୍ୟ ରୁରାଲ ଡେଭଲପମେଣ୍ଟ , ପଞ୍ଚାୟତ ରାଜ ଓ ପିଏଆଇ ବିଭାଗ ପକ୍ଷରୁ ଡେଲାଙ୍ଗ ବ୍ଲକ ବିଜୁସଭାଗୃହରେ ପିଏଆଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷିତିଶ ବେହେରା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଗ୍ରାମାଞ୍ଚଳର ପାନୀୟ ଜଳ , ଶିଶୁସୁରକ୍ଷା

, ସାମାଜିକ ବିକାଶ , ମହିଳା ସଶକ୍ତିକରଣ , ସ୍ୱାସ୍ଥ୍ୟ , ଶିକ୍ଷା , ଗମନାଗମନ ପାଇଁ ରାସ୍ତା , ପରିବେଶର ସ୍ୱଚ୍ଛତା , ବନୀକରଣ ପାଇଁ ବିସ୍ତୃତ ଆଲୋଚନା କରାଯାଇ ଥିଲା । ବ୍ଲକ ସଂପ୍ରସାରଣ ଅଧିକାରୀ ସତ୍ୟପ୍ରିୟ ବେହେରା , ସିପିଓ ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସରପଞ୍ଚ , ଆଶାକର୍ମୀ , ପଞ୍ଚାୟତ ନିର୍ବାହୀ ଅଧିକାରୀ , ଏଡିଇଓ,ଅଙ୍ଗନବାଡି କର୍ମୀ ମାନେ ଯୋଗଦେଇ ଥିଲେ । ଡେଲାଙ୍ଗ ବ୍ଲକକୁ ଜିଲାରେ ଅଗ୍ରଣୀ ବ୍ଲକ ଭାବେ ଗଢି ତୋଳିବା ପାଇଁ ସମ୍ମିଳିତ ଉଦ୍ୟମ କରିବାକୁ ଆଲୋକପାତ କରିଥିଲେ । ଶେଷରେ ଜିପିଓ ସଚିନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ସାକ୍ଷୀଗୋପାଳ ମହାବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ

**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ମିଶ୍ର ତଥା କନିଷ୍ଠ କିରାଣୀ ବୀରକିଶୋର ମହାପାତ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଏକ ଭାବଗମ୍ଭୀର ପରିବେଶରେ ଆୟୋଜିତ ହୋଇଯାଇଥିଲା । ଅନୁଷ୍ଠାନର ଅଧକ୍ଷା ପ୍ରାଧ୍ୟାପିକା ଶ୍ରୀମତୀ ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ସଂସ୍କୃତ ବିଭାଗରେ ମୁଖ୍ୟ ପ୍ରାଧ୍ୟାପିକା ସୁଜାତା ମହାପାତ୍ର ସଂଯୋଜନା କରିଥିଲେ । ଉତ୍ସବର ପ୍ରାରମ୍ଭରେ ଅତିଥି ମାନେ ଶ୍ରୀଜଗନ୍ନାଥ ଓ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟଅର୍ପଣ ଓ ଧୂପ ଦୀପ ପ୍ରଦାନ କରିଥିଲେ । ଉତ୍କଳମଣିଙ୍କ ସାଧନପୀଠ ସତ୍ୟବାଦୀରେ କାର୍ଯ୍ୟକରିବା ପରମସୌଭାଗ୍ୟର କଥା ଓ ତାଙ୍କ ପୁଣ୍ୟସ୍ମୃତିରେ ଗଢ଼ା ଏଇ ଅନୁଷ୍ଠାନରେ ତାଙ୍କର ଆଦର୍ଶକୁ ପାଳନ କରି ସମଗ୍ର ବୃତ୍ତିଗତ ଜୀବନ ବିତାଇଥିବା ଶଙ୍କର ପ୍ରସାଦ ମିଶ୍ର ଓ ବୀରକିଶୋର ମହାପାତ୍ର ଆମର ଗର୍ବ ଓ ଗୌରବ ବୋଲି ଅଧକ୍ଷା ଶ୍ରୀମତୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ମଂଚାସୀନ ଅନ୍ୟତମ ଅତିଥି ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ଓ ପ୍ରାଧ୍ୟାପକ ମନୋଜ କୁମାର ପରିଡା ବିଦାୟୀ ବରିଷ୍ଠ ସହକର୍ମୀ ଦ୍ୱୟଙ୍କ ନିଆରା ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ପ୍ରା. ଡ଼କ୍ଟର କଜ୍ଜଳା କୁମାରୀ ମହାପାତ୍ର,ପ୍ରା. ରତ୍ନାକର ସାହୁ,ଅଧ୍ୟାପିକା ସସ୍ମିତା ପ୍ରଧାନ, ଶୁଭ୍ରଦୀପ୍ତା ପଟ୍ଟନାୟକ, ଡ଼କ୍ଟର ରାଜଶ୍ରୀ ଶତପଥୀ, ଅବସରପ୍ରାପ୍ତ କିରାଣୀ ରାଜ କିଶୋର ପତି, ମହେଶ୍ୱର ମିଶ୍ର, ପ୍ରାକ୍ତନ ଛାତ୍ରୀ ଜସ୍ମିନ ଦାଶ ପ୍ରମୁଖ ବିଦାୟୀ ସହକର୍ମୀ ଦ୍ୱୟଙ୍କ ସହ କଟାଇଥିବା ଅନୁଭୂତି ଗୁଡିକର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ପ୍ରା. ମିଶ୍ର ଓ ଶ୍ରୀ ମହାପାତ୍ର ଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ଅନ୍ୟାନ୍ୟ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ ବିଦାୟୀ ପ୍ରା ଶ୍ରୀ ମିଶ୍ର ଓ ଶ୍ରୀ ମହାପାତ୍ର ଅନୁଷ୍ଠାନରେ କଟାଇଥିବା ତିନି ଦଶନ୍ଧିର ଅନେକ ଅଭୁଲା ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠାନକୁ ସମୃଦ୍ଧ କରିବାକୁ ସମ୍ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ପରିଶେଷରେ ଡ଼କ୍ଟର ପୁପୁଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାବପୂର୍ଣ୍ଣ ବିଦାୟ ଜଣାଇଲେ ଛାତ୍ରଛାତ୍ରୀ

### :-କ୍ରୀଡାଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟର କ୍ରୀଡାଶିକ୍ଷକ ଧରଣୀ ଧର ମହାନ୍ତି ଙ୍କୁ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସତ୍ୟବ୍ରତ ଛାଟୋଇ ଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ନାୟକ, ମୁଖ୍ୟବକ୍ତା ମାଧବାନନ୍ଦ ସାହୁ, ସଂମ୍ମାନିତ ଅତିଥି ସର୍ବେଶ୍ୱର ମହାନ୍ତି, ଚିତ୍ତରଞ୍ଜନ ବାରିକି, ସଭାପତି ଅଲେଖ ବିଶ୍ୱାଳ, ଦେଶବନ୍ଧୁ ନାୟକ, ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକ, ବ୍ଲକ ଓଷ୍ଟା ସମ୍ପାଦକ ସନ୍ତୋଷ କୁମାର ଦାଶ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ମିଥୁନ ହରିଚନ୍ଦନ । ଉପସ୍ଥିତ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ଅବସରଗ୍ରହଣ କରୁଥିବା କ୍ରୀଡା ଶିକ୍ଷକ ଧରଣୀଧର ମହାନ୍ତି ନିଜ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳ ସମ୍ପର୍କରେ ଆଲୋକପାତ କରିଥିଲେ । ଉପସ୍ଥିତ ଅତିଥି ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ମହାନ୍ତିଙ୍କୁ ମାନପତ୍ର ଓ ଉପଢ଼ୋକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଭାବ ବିହ୍ୱଳ ପରିବେଶରେ ଶିକ୍ଷକ ଘରେ ଛାଡିଥିଲେ ।

## ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ

**ବାରିପଦା (ଅମୃତ ମିଡିଆ):** ବାରିପଦା ବନଖଣ୍ଡ ଆନୁକୁଲ୍ୟ ରେ ୭୬ତମ ବନ ମହୋତ୍ସବ ପାଳନ ଅବସରରେ ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶଙ୍କ ଦ୍ୱାରା ବାରିପଦା ବନଖଣ୍ଡ କାର୍ଯ୍ୟାଳୟରୁ ସବୁଜ ରଥର ଶୁଭାରମ୍ଭ କରାଯାଇଅଛି । ଏହି ରଥ ବାରିପଦା ବନଖଣ୍ଡ ଅଧିନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତରେ ବୃକ୍ଷ ରୋପଣର ବାର୍ତ୍ତା ପହଞ୍ଚାଇବା ସହିତ ପ୍ରଧାନମନ୍ତ୍ରୀଙ୍କ ମା କେ ନାମ ଏକ ପେଡର ବାର୍ତ୍ତା ପହଞ୍ଚାଇବା ପାଇଁ ଉଦ୍ୟମ କରିବ । ସେହିପରି

ବନ ମହୋତ୍ସବ ଆନୁକୁଲ୍ୟରେ ବାରିପଦା ବନଖଣ୍ଡ ଅଫିସ ସମ୍ମୁଖରେ ଜନସାଧାରଣଙ୍କ ପାଇଁ ଚାରା ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରର ଉତ୍ତମ ମାନର ଚାରା ମାଗଣାରେ ପ୍ରଦାନ କରାଯିବ ।କାର୍ଯ୍ୟକ୍ରମରେ ସହକାରୀ ବନ୍ୟ ସଂରକ୍ଷକ ମେହେରବାନ ଅଲ୍ଲୀ, ବାରିପଦା ରେଞ୍ଜ ଅଫିସର ଶ୍ରଦ୍ଧେୟ ମନ୍ତ୍ରୀ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ଓ ବନଖଣ୍ଡର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ସଲାସୁତୁରାରେ ପଡିଲା ବାଲିବସ୍ତା, ସଇଲୋ ଗ୍ରାମବାସୀଙ୍କୁ ବାସୁଦେବ ଭରସା

**ଧୁଷୁରୀ ( ଅମୃତ ମିଡିଆ ) :** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନସ୍ଥ ପଧାନି ପଞ୍ଚାୟତ ଅନ୍ତର୍ଗତ ସଇଲୋ ଗ୍ରାମ ପାର୍ଶ୍ୱରେ ଥିବା କୋଚିଲା ନଦୀବନ୍ଧକୁ ଗ୍ରାମରେ ପୂଜା ପାଉଥିବା ପ୍ରଭୁ ବାସୁଦେବ ଭରସା । ତା' ହୋଇନଥିଲେ ଚଳିତ ବର୍ଷ ପ୍ରଥମ ବନ୍ୟାରେ ନଦୀବନ୍ଧ ଭାଙ୍ଗି ଗାଁ ଭାସି ଯାଇଥା'ନ୍ତା । ଏହି ନଦୀବନ୍ଧ ଦୁଇଥର ଧସି ଥିଲେବି ଜଳସମ୍ପଦ ବିଭାଗ ଅଧିକାରୀ, ଠିକାଦାର ଓ କିଛି ରାଜନେତାଙ୍କ ସଲାସୁତୁରାରେ ଲକ୍ଷଲକ୍ଷ ଖର୍ଚ୍ଚ କରାଯାଇ ଏହାର ମରାମତି କାର୍ଯ୍ୟ କରାଯାଇଥିଲା । ହେଲେ ପ୍ରଥମ ବନ୍ୟାରେ ଏହି ନଦୀବନ୍ଧ ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ଗ୍ରାମବାସୀ ମାନେ ଆତଙ୍କିତ ହୋଇ ପଡିଥିଲେ । ଗତକାଲି ସକାଳେ ସେଠାରେ ଧାମନଗର ଜଳସମ୍ପଦ ବିଭାଗର ଏସଡିଓ ସେଠାରେ ପହଞ୍ଚି ବନ୍ଧ ପାର୍ଶ୍ୱରେ ବାଉଁଶ ବାଡ ଦେଇ ବାଲିବସ୍ତା ପକାଇ ବନ୍ୟା ନିୟନ୍ତ୍ରଣ କରିଥିଲେ । ଆଜି ନଦୀର ଜଳସ୍ତର କମିଛି ଓ ବନ୍ୟା ଜଳ ହ୍ରାସ ପାଇଛି । ହେଲେ ଏବେ ବି ବିପଦ ଟଳି ନଥିବା ଗ୍ରାମବାସୀ କହିଛନ୍ତି । ବନ୍ୟାଜଳ ଛାଡିଲା ପରେ ମାଟି ଅତଡା ଖସିବା ସହ ପୋତା ଯାଇଥିବା ବାଉଁଶ ବାଡ ଓ ବାଲିବସ୍ତା ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ଉପୁଜିଛି । ଏହି ନଦୀବନ୍ଧ ପାଇଁ ଏତେ ପରିମାଣର ଅର୍ଥରାଶି ଖର୍ଚ୍ଚ ହୋଇଥିଲେ ବି କାର୍ଯ୍ୟ ସମ୍ବନ୍ଧିୟ ସୂଚନା ଫଳକ କୌଣସି ସ୍ଥାନରେ ଲଗା ଯାଇ ନଥିବା ଗ୍ରାମବାସୀ ମାନେ କହିଛନ୍ତି । ଏଥିରୁ ସ୍ପଷ୍ଟ ଜଣା ପଡୁଛିକି ବିଭାଗୀୟ ଅଧିକାରୀ, ଠିକାଦାର ଓ କିଛି ପ୍ରଭାବଶାଳୀ ବ୍ୟକ୍ତି ଅର୍ଥ ବାଟମାରଣା କରିଛନ୍ତି ବୋଲି ଗ୍ରାମବାସୀ ମାନେ କହିଛନ୍ତି । ନଦୀପାର୍ଶ୍ୱରେ କଂକ୍ରିଟ ପାଚେରୀ ନକରି ପ୍ରତିବର୍ଷ ବାଉଁଶ ବାଡ ଓ ବାଲିବସ୍ତା ଦେଇ ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କୁ ବିପଦ ମୁହଁକୁ ଠେଲି ଦେଉଛନ୍ତି ବୋଲି ଗ୍ରାମର ମହିଳା ମାନେ କହିଛନ୍ତି । ଏଥର ବନ୍ୟାରେ ପୁଣି ଛଅଲକ୍ଷ ଟଙ୍କା ବିନିଯୋଗ କରାଯାଇ ବାଉଁଶ ବାଡ ଓ ବାଲିବସ୍ତା ଦିଆ ଯାଇଛି । ଏହାକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯିବ ଓ ଏବାବଦରେ ଗ୍ରାମବାସୀମାନେ ଖୁବଶୀଘ୍ର ଜିଲ୍ଲାପାଳଙ୍କୁ ଜଣାଇବେ ଓ ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି । ଏ ବାବଦରେ ବିଭାଗୀୟ ଏସଡିଓ କିଶୋର ଦାସ କହିଛନ୍ତି ଧସିଥିବା ନଦୀବନ୍ଧ ପାଇଁ ୨୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା । ବର୍ଷା ଓ ବନ୍ୟା ପାଇଁ କାମ ବନ୍ଦ ରଖାଯାଇଛି । ପରବର୍ତ୍ତୀ ସମୟରେ ପୁଣି କାର୍ଯ୍ୟ ଚାଲୁ ରହିବ ।

## ଦାଦାବଟି ଓ ଲୁଟ୍ ଅଭିଯୋଗରେ ଦୁଇ ଗିରଫ

**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ଏକ କମ୍ପାନୀ ଗାଡ଼ିକୁ ରାତି ସମୟରେ ରାସ୍ତାରେ ଅଟକାଇ ଦାଦା ବଟି ମାଗିଲେ ଟଙ୍କା ନ ଦେବାରୁ କମ୍ପାନୀର ସୁପରଭାଇଜର ଓ ଡ୍ରାଇଭରକୁ ମାଡ଼ମାରି ଗାଡ଼ିଟିକୁ ଛଡ଼ାଇନଲେ, କମ୍ପାନୀ ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତର ସହ ନେଇ ଏଥିରେ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଏ ନେଇ ଥାନା ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆ ଯାଇଛି । ଘଟଣାରୁ ପ୍ରକାଶ ବାଲିଚନ୍ଦ୍ରପୁର ଥାନା ଅଧିନ ଚଣ୍ଡିଖୋଲ/ପାରାଦ୍ୱୀପ ଜାତୀୟ ରାଜପଥ ଓଳାଶୁଣୀ ଛକରୁ ଲଳିତଗିରି ରାସ୍ତା ଦେଇ ଉତ୍କଳ ଫିଡସ କମ୍ପାନୀର ଏକ ପିକଅପ୍ ଗାଡ଼ି OD 02DA-3993 ରେ କୁକୁଡ଼ା ଛୁଆ ଏବଂ ଦାନା ବସ୍ତା ନେଇ ଯାଉଥିବା ସମୟରେ ସାମନା ପଟୁ OD18 H 4613 ନମ୍ବର ଗାଡି ରେ ଦୁଇଜଣ ଯୁବକ ଆସି ଦାଦା ବଟି ମାଗିଲେ, କମ୍ପାନୀ କୁକୁଡା ଗାଡି ରେ ଥିବା ଡ୍ରାଇଭର ଏବଂ ସୁପରଭାଇଜର ଉକ୍ତ ଲୁଟେରାଙ୍କୁ ଟଙ୍କା ନ ଦେବାରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଲୁଟେରା ଯୁବକ ଦ୍ୱୟ କମ୍ପାନୀ ପିଲାକୁ ମାଡ଼ମାରି ଉକ୍ତ ଗାଡିକୁ ନିଜ ସାଥିରେ ନେଇ ପଳେଇଲେ, ଲୁଟେରାଙ୍କ କାର ନମ୍ବର ଆଧାର ରେ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଏଥିରେ ସମ୍ପୃକ୍ତ ଥିବା ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ଗ୍ରାମର ନିରଞ୍ଜନ ନାୟକଙ୍କ ପୁଅ ଦୀପକ କୁମାର ନାୟକ ଓ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ପୁର ଗ୍ରାମର ନିରାକାର ପ୍ରଧାନଙ୍କ ପୁଅ ରଞ୍ଜନ କୁମାର ପ୍ରଧାନ ଙ୍କୁ ବାଲିଚନ୍ଦ୍ରପୁର ଥାନା କେଶ ନଂ ୧୭୯/୨୫ ରେ ଦଫା ୩୦୯/୬ ବିଏନ୍‌ଏସ୍ ରେ କୋର୍ଟ ଚାଲାଣ କରାଯିବ ସହ ଏଥିରେ ସମ୍ପୃକ୍ତ ଦୁଇଗୋଟି ଗାଡି କୁ ପୁଲିସ ଯବତ କରାଯାଇଥିବା ନେଇ ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି ।

## ବଡ଼ନଦୀ ପଠାରୁ ବାଲି ଉଠାଣକୁ କେନ୍ଦ୍ରକରି ଉତ୍ତେଜନା

**ଆସିକା(ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅନ୍ତର୍ଗତ ରିଷିପୁର ଗ୍ରାମ ଦେଇ ଯାଉଥିବା ବାଲି ଗାଡି ଚଳାଚଳ କୁ ବିରୋଧ କରୁଛନ୍ତି ଗ୍ରାମବାସୀ । ପ୍ରଶାସନ ର ବାଲିଘାଟ ଲିଜ ନଥିବା ସ୍ଥାନରୁ ବାଲି ଉଠାଣ କୁ ନେଇ ବହୁ ବାର ଅନେକ ଗ୍ରାମବାସୀ ବିରୋଧ କରୁଥିବା ନଜର କୁ ଆସିଛି । ଆଜି ପୂର୍ବାହ୍ନ ସମୟରେ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ଗ୍ରାମ ମଧ ଦେଇ ଯାତାୟାତ କରୁଥିବା ବାଲି ଗାଡି କୁ ଚଳା ଚଳ ବନ୍ଦ କରିବାକୁ ନେଇ ଚାପା ଉତେଜନା ଲାଗି ରହିଥିଲା । ଖବର ମିଳିବା କ୍ଷଣି ଆସିକା ପୋଲିସ ଟିମ, ଲଘୁ ଖଣିଜ ବିଭାଗ ସ୍ଥାନୀୟ ଅଧିକାରୀ ଏବଂ ରାଜସ୍ୱ ବିଭାଗ ର ମିଳିତ ଟିମ ଘଟଣା ସ୍ଥଳ ରେ ପହଂଚି ଥିଲେ କ୍ଷ ଗ୍ରାମବାସୀ କହିବା ମୁତାବକ ବେଆଇନ ବାଲି ଘାଟ ରୁ ବାଲି ଉଠାଣ ବନ୍ଦ କରିବା, ଗାଁ ରାସ୍ତା ଗୁଡିକୁ ମରାମତି କରିବା, ବାଲି ବୋଝେଇ ଗାଡି ଚାଳକ ମାନେ ଗାଡି ନେଲା ବେଳେ ଗ୍ରାମବାସୀ ମାନଙ୍କୁ ରାସ୍ତା ଦେବା, ବେହୁସିଆର ରେ ଗାଡି ଚଳାଇବା ବନ୍ଦ କରିବାକୁ ପ୍ରଶାସନ ଆଗରେ ଦାବୀ କରିଥିଲେ । ଏହି ବାଲି ଚାଲାଣ ବିଷୟରେ ଗାଁ ବୈଠକ ରେ ନିଷ୍ପତି ନହେଲା ପର୍ଯ୍ୟନ୍ତ ବାଲି ଉଠାଣ ବନ୍ଦ ରହିବାକୁ କହିଥିଲେ । ପ୍ରଶାସନିକ ପକ୍ଷରୁ କିଛି ଦିନ ପାଇଁ ବାଲି ଉଠାଣ କୁ ବନ୍ଦ କରିବାକୁ କହିଛି । ଏହା ଫଳରେ ଲାଗି ରହିଥିବା ଉତେଜନା ଶାନ୍ତ ପଡିଛି । ଆସିକା ତହସିଲ ରେ ଜଣେ ଲଘୁ ଖଣିଜ ବିଭାଗ ର ଅଧିକାରୀ ନିୟୋଜିତ ହୋଇ ଥିଲେ ମଧ ଆସିକା ର ଋଷିକୂଲ୍ୟା ଓ ବଡ଼ ନଦୀ ର ଲିଜ ନଥିବା ବେଆଇନ ସ୍ଥାନରୁ ବାଲି ଉଠାଣ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ ତାହା ସାଧାରଣ ଲୋକ ମାନଙ୍କ ମନ ରେ ପ୍ରଶ୍ନ ସୃଷ୍ଟି ହେଉଛି ।ଯାହା ଫଳରେ ସରକାର ଙ୍କ ଲକ୍ଷ ଲକ୍ଷ ଟଙ୍କା ର ରାଜସ୍ୱ ନଷ୍ଟ ହେବା ସହ ଗାଁ ଗାଁ ରେ ଉତେଜନା ଲାଗି ରହୁଛି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ପରିବେଶ ବିତ ମାନେ ଦାବୀ କରୁଛନ୍ତି ।